# କଟକ ମହାନଗର ନିଗମ

## ପବ୍ଲିକ ୱାର୍କସ୍ ଷ୍ଟାଣ୍ଡିଙ୍ଗ କମିଟି ୨୬ତମ ବୈଠକର ବିବରଣୀ
## ତା-୧୪-୦୧-୨୦୧୬, ସମୟ ପୂର୍ବାହ୍ନ-୧୧.୦୦ ଘଟିକା
## ସ୍ଥାନ-କଟକ ମହାନଗର ନିଗମ ସଭାଗୃହ

ଉପସ୍ଥିତ ସଭ୍ୟ / ସଭ୍ୟା

୧. ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, - ଅଧକ୍ଷ
୨. ଶ୍ରୀଯୁକ୍ତା କବିତା ଖଣ୍ଡାୟତ - ସଭ୍ୟା
୩. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ - ସଭ୍ୟା
୪. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ - ସଭ୍ୟା
୫. ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି - ସଭ୍ୟା
୬. ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା - ସଭ୍ୟ

ଉପସ୍ଥିତ ଅଧିକାରୀ

୧. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ-ନଗର ଯନ୍ତ୍ରୀ
୨. ଶ୍ରୀଯୁକ୍ତ ମନିଶ ସରକାର-ନିର୍ବାହୀ ଯନ୍ତ୍ରୀ(୧)
୩. ଶ୍ରୀଯୁକ୍ତ ଲଳିତ ମୋହନ ଦାସ-ନିର୍ବାହୀ ଯନ୍ତ୍ରୀ
୪. ଶ୍ରୀମତୀ ନମିତା ବିଶ୍ୱାଳ-ସଚିବ
୫. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ-ସହକାରୀ ନିର୍ବାହୀ ଯନ୍ତ୍ରୀ
୬. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର- ସହକାରୀ ନିର୍ବାହୀ ଯନ୍ତ୍ରୀ
୭. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ-ଉପ ସଚିବ

ଅଦ୍ୟ ତା ୧୪.୦୧.୨୦୧୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମ ସଭାଗୃହରେ ନିଗମର ପବ୍ଲିକ ୱାର୍କସ୍ ଷ୍ଟାଣ୍ଡିଙ୍ଗ କମିଟିର ୨୬ତମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ଅଧକ୍ଷ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବୈଠକରେ ଉପସ୍ଥିତ ଥିବା ସଭ୍ୟ / ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ପୂର୍ବରୁ ୱାର୍ଡ଼ ୱାରୀ ୨୦ଲକ୍ଷ ଟଙ୍କା ପ୍ୟାକେଜ ନିମନ୍ତେ ପ୍ରାପ୍ତ ସରକାରୀ ଅନୁଦାନର ବିନିଯୋଗ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟ ଖସଡ଼ା କମିଟିର ଆସନ୍ତା ବୈଠକରେ ନିର୍ବାହୀ ଯନ୍ତ୍ରୀ(୨)ଙ୍କ ଦ୍ୱାରା ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଗଲା ।

୨. ସେହିପରି ପୂର୍ବରୁ ଅନୁମୋଦନ କରାଯାଇଥିବା ୱାର୍ଡ଼ ୱାରୀ ୨.୫୦ଲକ୍ଷ ଟଙ୍କା ପ୍ୟାକେଜ ନିମନ୍ତେ ଫାଇଲ ନମ୍ବର, କାର୍ଯ୍ୟର ନାମ ଏବଂ ଖର୍ଚ୍ଚ କରାଯାଇଥିବା ଅର୍ଥର ସମ୍ପୂର୍ଣ୍ଣ ବିବରଣୀ କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯାଇ, ସମ୍ପୃକ୍ତ ଠିକାଦାର ମାନଙ୍କର ଦେୟ ପ୍ରଦାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୩. SDRM ଏବଂ JICA ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ Status Report କମିଟିର ଆସନ୍ତା ବୈଠକରେ ଉପସ୍ଥାପନା କରାଯାଇ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୪. MP/MLA Lad Fund ମାଧ୍ୟମରେ ଦୀର୍ଘ ବର୍ଷ ଧରି ବକେୟା ପାଣ୍ଠିର ବିନିଯୋଗ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରସ୍ତୁତ ବିବରଣୀ ଉପସ୍ଥାପନା କରାଯାଇ, ଯଥାଶିଘ୍ର ପ୍ରାପ୍ତ ଅନୁଦାନର ବିନିଯୋଗ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସ୍ଥିର କରାଗଲା ।

୫. ପ୍ରୋଜେକ୍ଟ ସମ୍ମାନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ପୂର୍ବରୁ ଅନୁମୋଦନ କରାଯାଇଥିବା ୩୨ ଗୋଟି ଶୌଚାଳୟର ନିର୍ମାଣ ନିମନ୍ତେ NBCC ଦ୍ୱାରା ପ୍ରଦାନ କରାଯାଇଥିବା ନିମ୍ନଲିଖିତ ୧୯ ଗୋଟି ସମ୍ଭାବ୍ୟ ତାଲିକାକୁ ଅନୁଧ୍ୟାନ କରାଯାଇଥିଲା ଏବଂ ଯନ୍ତ୍ରୀ ବିଭାଗ ଦ୍ୱାରା ଉକ୍ତ ୧୯ ଗୋଟି ଶୌଚାଳୟ ନିର୍ମାଣର ବିସ୍ତୃତ ବିବରଣୀ, ସିଟ ସଂଖ୍ୟା ଓ ଖର୍ଚ୍ଚ ଅଟକଳ ସମ୍ପର୍କରେ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଗଲା । ଅବଶିଷ୍ଟ ୧୩ ଗୋଟି ଶୌଚାଳୟ ଗୁଡ଼ିକର ନିର୍ମାଣ ନିମନ୍ତେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମାନଙ୍କ ଦ୍ୱାରା କ୍ଷେତ୍ର

ପରିଦର୍ଶନ କରାଯାଇ, ଏଥିନିମନ୍ତେ ଜମିର ସ୍ଥିତାବସ୍ଥା ଏବଂ Existing building ର ଅବସ୍ଥା ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଗଲା ।

<u>ନୂତନ ଶୌଚାଳୟ ନିର୍ମାଣ ନିମନ୍ତେ ସମ୍ଭାବ୍ୟ ତାଲିକା</u>

୧. ପଟ୍ଟାପୋଲ ଶୌଚାଳୟ
୨. ଦେଓ୍ୱାନ ବଜାର ଶୌଚାଳୟ
୩. ଘୋଡ଼ାଗଳୀ (ରାଣୀହାଟ) (Renovation)
୪. ଘାଷିଆ ସାହି
୫. ବାଳିକା ଉଚ୍ଚ ବିଦ୍ୟାଳୟ, ଥଟାରୀ ସାହି
୬. ନୂତନ ନିମ ସାହି Near OSFC
୭. ବିଡ଼ାନାସୀ ଶୌଚାଳୟ
୮. ମେହେନ୍ଦୀପୁର ରିଫ୍ୟୁଜି କଲୋନୀ
୯. ସୂତାହାଟ ଶୌଚାଳୟ
୧୦. ସାଆନ୍ତ ସାହି ଶୌଚାଳୟ
୧୧. ମାଛୁଆ ବଜାର ଶୌଚାଳୟ
୧୨. ଥୋରିଆ ସାହି ଶୌଚାଳୟ
୧୩. ଛତ୍ର ବଜାର ଶୌଚାଳୟ (ମହିଳା)
୧୪. ବ୍ରଜରମ୍ଭା ଡ଼ିସପେନସ୍ୟାରୀ ଶୌଚାଳୟ
୧୫. ସମାଧିପାଟଣା ଶୌଚାଳୟ
୧୬. ଯୋବ୍ରା ରେହେମାନ ଛକ ଶୌଚାଳୟ
୧୭. ଯୋବ୍ରା ମଲ୍ଲାସାହି ଶୌଚାଳୟ
୧୮. ଡ଼ଗରପଡ଼ା ଶୌଚାଳୟ
୧୯. ଶିଖରପୁର ନଦୀକୂଳ ସାହି ଶୌଚାଳୟ

ଉପରୋକ୍ତ ସ୍ଥାନରେ ନୂତନ ଶୌଚାଳୟ ନିର୍ମାଣ ନିମନ୍ତେ ସମ୍ପୃକ୍ତ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି, ନିର୍ମାଣ କାର୍ଯ୍ୟ ନିମନ୍ତେ ଯଥାଶିଘ୍ର ରିପୋର୍ଟ ପ୍ରଦାନ କରିବାକୁ ସ୍ଥିର କରାଗଲା ।

୬. ଗତ ତା ୨୮.୧୨.୨୦୧୫ରିଖ କାଉନସିଲ ବୈଠକରେ UIDSSMT ଯୋଜନା ମାଧମରେ ବକେୟା ରହିଥିବା ପାଣ୍ଠିର ବିନିଯୋଗ ନିମନ୍ତେ ପୂର୍ବରୁ ଅନୁମୋଦନ କରାଯାଇଥିବା "Drain from Sriram Nagar Lane to Shivani Glass House at an estimated cost of Rs. 15.50 Lakhs" ବଦଳରେ ନିମ୍ନଲିଖିତ ପ୍ରକଳ୍ପ କାର୍ଯ୍ୟକୁ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

"Construction of drain from Bauri Sahi Chhak to New LIC Colony UGME School at an estimated cost of Rs. 15.50 Lakhs under UIDSSMT balance fund.

୭. ନିଗମର ବିଜୁ ଭବନ ପରିସର ମଧରେ ସ୍ୱାସ୍ଥ୍ୟ ବିଭାଗର ନୂତନ Building ର ନିର୍ମାଣ ନିମନ୍ତେ ଯଥାଶିଘ୍ର ଦୋକାନ ଗୃହ ତଥା ପୁରାତନ କଣ୍ଟ୍ରୋଲ ରୁମ ଘରକୁ ଭଙ୍ଗାଯାଇ, ନିର୍ମାଣ କାର୍ଯ୍ୟ ନିମନ୍ତେ ଯନ୍ତ୍ରୀ ବିଭାଗକୁ ହସ୍ତାନ୍ତର କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ପୂର୍ବରୁ ଅନୁମୋଦନ କରାଯାଇଥିବା ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ନିଗମର ଲାଇସେନ୍ସ ବିଭାଗର ପରାମର୍ଶ ତଥା କମିଶନରଙ୍କ ଦ୍ୱାରା ଅନୁମୋଦନ କ୍ରମେ ନଗର ଯନ୍ତ୍ରୀଙ୍କ ଦ୍ୱାରା ଏ ଦିଗରେ ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିଶ କରାଗଲା ।

୯. ବିକାଶ ଭବନ ପଛପଟରେ ପ୍ରସ୍ତାବିତ Store Room for Pumps ନିର୍ମାଣ କାର୍ଯ୍ୟ ନିମନ୍ତେ କମିଟିର ଆସନ୍ତା ବୈଠକରେ କମିଶନରଙ୍କ ଉପସ୍ଥିତିରେ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୧୦. ନିଗମର ବିଭିନ୍ନ ଅଂଚଳରେ ରାତ୍ରୀ ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ତଥା ପେଟ୍ରୋଲ ପମ୍ପ ନିର୍ମାଣ ନିମନ୍ତେ ପୂର୍ବରୁ ଅନୁମୋଦନ କରାଯାଇଥିବା ସ୍ଥାନରେ ଆବଶ୍ୟକୀୟ ଜମି ଅଧିଗ୍ରହଣ ନିମନ୍ତେ ପଠାଯାଇଥିବା ପ୍ରସ୍ତାବ ଗୁଡ଼ିକ ତହସିଲଦାର ଏବଂ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାୟୀତ୍ୱରେ ରହିଥିବା ସେକ୍ରେଟେରୀଙ୍କ ଦ୍ୱାରା ତ୍ୱରାନ୍ୱିତ କରାଯିବାକୁ ସ୍ଥିର କରାଗଲା ।

୧୧. ଓ.ଏମ୍.ପି. ଛକ ନିକଟରେ Shelter for Urban Homeless ନିର୍ମାଣ ନିମନ୍ତେ ନିଗମର ସର୍ଭେ ବିଭାଗ ଦ୍ୱାରା ଏକ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୨. ବକ୍ସି ବଜାର ସ୍ଥିତ ପୁରୁଣା କାଞ୍ଜିଆହୋଦା ସ୍ଥାନରେ ଗାଡ଼ି ପାର୍କିଂର ବ୍ୟବସ୍ଥା ସହିତ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇ ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧୩. ସେହିପରି ଝୋଲାସାହି ସ୍ଥିତ Health Store ପରିସର ତଥା ବିନୋଦବିହାରୀ ମାର୍କେଟ କମ୍ପ୍ଲେକ୍ସ ଉପର ଭାଗରେ ନୂତନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ, ଏ ଦିଗରେ ଯଥାଶିଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୪. ବୈଠକରେ ଗଡ଼ଖାଇ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ UIDSSMT ଯୋଜନା ମାଧ୍ୟମରେ ଗଡ଼ଖାଇ ପ୍ରକଳ୍ପର ପୂର୍ନଗୁଛାର କାର୍ଯ୍ୟ ନିମନ୍ତେ ପତ୍ର ସଂଖ୍ୟା- 15567/HUD, ତା ୨୩.୦୬.୨୦୦୯ ମାଧ୍ୟମରେ ୧୭୫୦.୮୫ ଲକ୍ଷ ଟଙ୍କା ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକୁ ୨୮ ଗୋଟି ପ୍ୟାକେଜ ମଧ୍ୟରେ ସାମିଲ କରାଯାଇ, ASI ମାଧ୍ୟମରେ ୫ଟି ପ୍ୟାକେଜ କାର୍ଯ୍ୟ ନିମନ୍ତେ ୮୦୦.୦୦ ଲକ୍ଷ ଟଙ୍କା ଏବଂ CMC ଓ R & B Cuttack Division ଦ୍ୱାରା ଅବଶିଷ୍ଟ ୨୩ ଗୋଟି ପ୍ୟାକେଜ ନିମନ୍ତେ ୯୨୪.୯୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା । ଗତ ତା ୩୦.୦୩.୨୦୧୦ରିଖ ରେ ଏହି ପ୍ରକଳ୍ପ କାର୍ଯ୍ୟର Restoration of moat wall ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ନିଗମ ଦ୍ୱାରା ୧ କୋଟି ୫୦ ଲକ୍ଷ ଟଙ୍କା DG, ASI, New Delhi ନିକଟରେ ଜମା କରାଯାଇଥିବାର ସୂଚନା ପ୍ରଦାନ କରାଯାଇଥିଲା । ASI କର୍ତ୍ତୃପକ୍ଷ ସେମାନଙ୍କର ପତ୍ର ସଂଖ୍ୟା ୪୭୭୦ ଏବଂ ୪୭୭୫ ତା ୨୩.୧୨.୨୦୧୫ ମାଧ୍ୟମରେ ଉକ୍ତ ୧କୋଟି ୫୦ ଲକ୍ଷ ଟଙ୍କା ମଧ୍ୟରୁ ଟ. ୧୩୩.୦୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବାରୁ, ଏହି କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ୧ କୋଟି ୭୩ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ମଧ୍ୟରୁ ଅବଶିଷ୍ଟ ୨୩ ଲକ୍ଷ ଟଙ୍କା ମଞ୍ଜୁର କରିବା ନିମନ୍ତେ ଅନୁରୋଧ କରିଥିବା ଦୃଷ୍ଟିରୁ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା କରାଯାଇଥିବା ସୁପାରିଶକୁ ଅନୁଧ୍ୟାନ କରାଯାଇ Restoration of moat wall କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ଅନୁମୋଦିତ ଖର୍ଚ୍ଚ ଅଟକଳ ଅନୁଯାୟୀ ଅବଶିଷ୍ଟ ୨୩ ଲକ୍ଷ ଟଙ୍କା ASI କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବା ନିମନ୍ତେ ସୁପାରିଶ କରାଗଲା । ସେହିପରି ASI କର୍ତ୍ତୃପକ୍ଷଙ୍କ ଅନୁରୋଧ ତଥା ନିଗମର ଯନ୍ତ୍ରୀ ବିଭାଗର ସୁପାରିଶ କ୍ରମେ ASI କର୍ତ୍ତୃପକ୍ଷଙ୍କ ଦ୍ୱାରା Remaining Portion of Western (Inner & Outer) side moat wall ନିର୍ମାଣ କାର୍ଯ୍ୟକୁ ଆସନ୍ତା ବର୍ଷାଦିନ ପୂର୍ବରୁ ଆରମ୍ଭ କରାଯାଇ ପ୍ରାପ୍ତ ପାଣ୍ଠିର ବିନିଯୋଗ ନିମନ୍ତେ ମଞ୍ଜୁର କରାଯାଇଥିବା ଅନୁଦାନ ମଧ୍ୟରୁ ୪କୋଟି ଟଙ୍କା Director, General, ASI, New Delhi ଙ୍କୁ ପ୍ରଦାନ କରାଯିବା ନିମନ୍ତେ ଅନୁମୋଦନ କରାଯିବାକୁ ସୁପାରିଶ କରାଗଲା ।

୧୫. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଜୁ ଭବନ ଏବଂ ବିକାଶ ଭବନର Minor Repair କାର୍ଯ୍ୟ ଗୁଡ଼ିକ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ, ଯଥାଶିଘ୍ର ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୧୬. ବାଦାମବାଡ଼ି ସରକାରୀ ବାଳିକା ବିଦ୍ୟାଳୟ ତଥା ବିକାଶ ଭବନସ୍ଥିତ କର୍ମଚାରୀ କ୍ୱାଟର ପାର୍ଶ୍ୱରେ ରହିଥିବା ୩ ଏକର ନିଗମ ଜମି ମଧ୍ୟରୁ, ଉକ୍ତ ବିଦ୍ୟାଳୟ ପରିସରର ୧ଏକର ଜମିକୁ ବାଦ ଦିଆଯାଇ, ଅବଶିଷ୍ଟ ୨ ଏକର ଜମି ମଧ୍ୟରେ ନିଗମ ଦ୍ୱାରା କଲ୍ୟାଣ ମଣ୍ଡପ ତଥା ଅନ୍ୟାନ୍ୟ ଅର୍ଥ ଉପାର୍ଜନ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ନିମନ୍ତେ ନିଗମର ସର୍ଭେ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୧୭. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧ୍ୟାନ କରାଯାଇ କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

1. Reconstruction of damaged culvert at Christian Sahi near Christ College in Ward No-10
2. Construction of RCC drain with cover slabs near NH-5 Bridge at Matrubhawan in Ward No-37 at an estimated cost of Rs. 99,950/-
3. Construction of RCC drain with cover slabs from Sadhu Charan Behera res to Ghanashyam Behera res at Sartol in Ward No-51 at an estimated cost of Rs. 4,30,000/-
4. Completion of Record Room proposed for functioning of CMC Control Room at Bikash Bhawan in Ward No-44 at an estimated cost of Rs. 2,97,300/-(File No-III-Engg-1462/2015)
5. Completion of balance work of CMC Control Room at Bikash Bhawan in Ward No-44 at an estimated cost of Rs. 44,500/-(File No-III-Engg-1535/2015)
6. Development of Creamation Ground at Satichoura in Ward No-6 at an estimated cost of Rs. 6,98,800/- (File No-1536/2015)
7. Minor repair of road from Gopinathjew Ghar to Kalinga Jubak Sangha at poparada in ward No-51 at an estimated cost of Rs. 40,000/-
8. Special repair to residential Qr. Of Hon;ble Mayor at Jhola Sahi in Ward No-26 at an estimated cost of Rs. 68,000/-

9. Construction of drain in front of Entrance gate of Bikash Bhawan in Ward No-44 at an estimated cost of Rs. 2,03,700/-
10. Construction of 2nos of Pendals at Munda Sahi at an estimated cost of Rs. 38,000/-
11. Completion of balance work for construction of Anganwadi Centre at Chauliaganj with repair of its boundary wall, out of interest amount of deposited fund for the purpose.

୧୮. ସଦସ୍ୟା ଶ୍ରୀମତୀ ଦିବାଳୀବାଳା ଭୂୟାଁ ପ୍ରଦାନ କରିଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ୱାର୍ଡ଼ ନଂ-୩୫ର ୨୦ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ, ଅନୁମୋଦନ କରାଯାଇଥିବା ନିମ୍ନଲିଖିତ ପ୍ରକଳ୍ପ କାର୍ଯ୍ୟକୁ ଅନୁମୋଦନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

| List of Work earlier approved in Public Works S.C. meeting held on 22.05.2015 | Proposed new works out of the above fund |
|---|---|
| 1. Construction of CC road from Rabi Babu res to Manoj Mishra res at Red Cross Blood Bank in Ward No-35 at an estimated cost of Rs. 3,54,700/- | Improvement of road from Sitarani Jena res to Saroj Kr. Nanda res at backside of Kathagola Phandi in Ward No-35 |
| 2.Construction of CC road from dinabandhu Mishra res to Bipin Basantaray res at Behera Sahi in Ward No-35 at an estimated cost of Rs. 2,04,600/- | Improvement of road from Bhagabata Tungi to Ramakanta Das res at Behera Colony in Ward No-35 |

୧୯. କମିଟିର ଆସନ୍ତା ବୈଠକରେ ଯନ୍ତ୍ରୀ ବିଭାଗ ଦ୍ୱାରା ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତୁତ ଚିଠା ବଜେଟ ଉପସ୍ଥାପନା କରାଯାଇ, ବିସ୍ତୃତ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୨୦. ବିଭିନ୍ନ କର୍ପୋରେଟର ମାନଙ୍କ ଠାରୁ ପ୍ରାପ୍ତ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଅନୁଧ୍ୟାନ କରାଯାଇ, ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରାଯିବା ସହ, ଏ ଦିଗରେ ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିଶ କରାଗଲା ।

1. Construction of CC road from Bhaskar Senapati res to Baseli Mandir at Pratapnagari in Wrad No-58
2. Construction of RCC drain with cover slab from Dahaliabag main road to Niamani sahu res at Dahaliabag in Ward No-58
3. Construction of CC road from Sadar P.S. main road to K.C. Acharya res at Dahaliabag in Ward No-58
4. Development of road inside Arnapura Residential Complex from Shelter Chhak to the above Colony in Ward No-7 for which road has been handed over to CMC in shape of Gift Deed
5. Repairing of Road from Dolamundai Chhaka to Pithapur Pokhari Internal Road in Ward No-29
6. Repairing of Road at Tarachand Patna Mishra Lane at Pithapur in Ward No-29
7. Repairing of road at Jhanjirimangala Lunia Sahi in Ward No-29
8. Reconstruction of culvert infront of Rabi Nayak res at Jhanjirimangala Khandayat Sahi in Ward No-29
9. Contruction of Hadia Patha Telugu Community Burial Ground Boundary wall& Gate in Ward No-15
10. Culvert at Gajabg Chhaka-Upper sahi near the house sri Yeesham Mohanty in Ward No-46
11. Culvert at the house of Nandakishore Mohanty Korapokhari in Ward No-46
12. Culvert and renovation of drain near Gopinath Club and house of Sri Sarat Chandra Pradhan in Ward No-46
13. Culvert at Sikharpur Sahar Sahi Gada near the boundary wall of Sri Saroj Kumar Mohanty in Ward No-46
14. Renovation of drain from the house of Laxmipriya Parida to Gobinda Behera Lane in Ward No-46
15. Construction of concrete drain near Akhandalamani Temple, Sikharpur Tala Sahi in Ward No-46
16. Construction of concrete drain from Balai Mukherjee house front to Basanta ch swain house front in Ward No-46
17. Renovation of road & drain from Basundhara to Shyam Sundar Sahoo res in Ward No-1
18. S/R to C.C. Road from Rabindra sahani res to Amareswar Sahoo res at Basundhara Lane in Ward No-1
19. Construction of RCC drain from Bidanasi Dispensary to Kulamani Choudhury res at Baimundi Nagar in Ward No-1
20. Renovation of road from Nityananda Mohanty res to Community centre at Jyoti Vihar Lane -2 in Ward No-1
21. Construction of RCC drain from Chitta Ranjan Swain res to Sudhakar Sahoo res at Jyoti Vihar in Ward No-1
22. Construction of Culvert near Pradeep Behera Tiffin Shop at Mangala Danda Chhaka in Ward No-1
23. S/R to road near Chabish prahara Mandap at Behera Sahi in Ward No-35
24. Casting of precast slab and approach road at Behera Sahi in Ward No-35
25. Covering of RCC precast slab over drain in different places in Ward No-35
26. S/R to Shop Room No-19 at Ranihat Market Complex in Ward No-35
27. Construction of RCC drain Bipin Barik res backside and cover slab with approach road near Shani Mandir in Ward No-35
28. Casting of precast RCC slab size of 0.90 X 0.45 miter size in different places in Ward No-.35
29. S/R to RCC drain Raghu Ratha res to Late Rasabihari Mohapatra res at Ring Road in Ward No-35
30. S/r to CC road from Kathagada Phandi approaching Road and drain in Ward No-35
31. Approaching at Behera Line culvert in ward No-35

32. S/R to Grill Colour at Behera Colony Park in Ward No-35
33. Construction of RCC drain with slab and road at Rajendra Nagar from Main road to Jatadhar Panda house to Late S.N. Behera res in Ward No-52
34. Construction of RCC drain with cover slab from Mohanty Babu res to Rajendra Nagar Main drain via Satya Rout res in Ward No-52
35. Construction of Dashaha Ghat for obsequies and rituals at different places i.e Near Mata Matha, Gangeswar Temple, Ghateswar Temple and near Seashore in Ward No-34
36. Construction off drain from Sagadia Sahi Jogi Sethi house to Sarbeswar Temple in Ward No-31
37. Construction of Anganwadi Centre at Saanta Sahi in Ward No-24

ସର୍ବଶେଷରେ ଉପସ୍ଥିତ ଥିବା ସଭ୍ୟ/ସଭ୍ୟା ତଥା ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରି ସଭା ସାଙ୍ଗ କରାଯାଇଥିଲା ।

(ଚିରଞ୍ଜୟ ସାହୁ)
ଅଧକ୍ଷ
ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ 85 ତା 29.1.16
ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 86 ତା 29.1.16
ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 87 ତା 29.1.16
ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ ଓ ୨ / ଡେ଼ପୁଟି କମିଶନର-୧ ଓ ୨ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 88 ତା 29.1.16
ଏହାର ଏକ କିତା ନକଲ ଡେ଼ପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ 89 ତା 29.1.16
ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ସଚିବ
କଟକ ମହାନଗର ନିଗମ, କଟକ